# ବଚନ ରକ୍ଷା

ବୀରକିଶୋର ଶେଷେ ସ୍ଥିର କଲା - ଆତ୍ମହତ୍ୟା କରିବ ।

ଆତ୍ମହତ୍ୟା ନ କରି ତା' ର ଆଉ ଉପାୟ ନ ଥିଲା । ସେଥିପାଇଁ ସେ ଅନେକ ମୁଣ୍ଡ ଖଟାଇ ଭାବିଚିନ୍ତି ସାର କରି ପକାଇଲା ।

ଏତେଦିନ ହେଲା ମନଟା ତା' ର ଯେଉଁ ଗୋଳେଇ ଘାଣ୍ଟି ହଉଥିଲା, ଅନ୍ତରଟା ଯଉଁ କଲବଲ କରୁଥିଲା, ଏଇଟା ସ୍ଥିର କରିସାରିଲା ପରେ ସେ ସବୁ ବିଲ୍‌କୁଲ୍ କୋହଳ ହୋଇଗଲା । ସେ ଅନେକ ଦିନ ପରେ କିପରି ଗୋଟାଏ ଆରାମର ଆଭାସ ପାଇଲା ।

ସେଦିନ ସେ କବାଟ କିଳି ବସି ଗୋଟାଏ ବଡ଼ ଚିଠି ଲେଖି ପକାଇଲା ଓ ଚିଠି ଖଣ୍ଡି ପକେଟରେ ପୂରାଇ ଚାଲିିିଲା ନଈକୂଳକୁ ।

ନିଶବଦ ରାତି । ଚାରିଆଡ଼େ ଅନ୍ଧାର । ସୁ-ସୁ ପବନ ବହୁଚି - ହୁ-ହୁ କରି ନଈ ସୁଅ ବହି ଚାଲିଛି । ଆକାଶରେ ଅସୁମାରି ତାରା ମିଟି ମିଟି କରି ଚାହିଁଛନ୍ତି ।

ସେ ଚାରିଆଡ଼କୁ ଥରେ ଚାହିଁ ଦେଖିଲା । ବୀରକିଶୋର ଥିଲା ଜଣେ ତରୁଣ କବି । ସେ ପିଲାବେଳୁ ଅନେକ କବିତା ଲେଖିଛି । ଗୋଟାଏ ଖାତା ପୂରିଯାଇ ଆଉ ଗୋଟାଏ ଖାତା ଅଧାଅଧି ହୋଇଯାଇଛି । କେତେଥର କେତେ କବିତା ବି ସେ ପତ୍ରପତ୍ରିକାକୁ ପଠାଇଛି । ଗୋଟାଏ ଯୋଡ଼ାଏ ବି ସେଥିରୁ ଛପା ହୋଇଥିବାର ସେ ଦେଖିଛି ।

ଆଜିର ଏ ମରଣକୁ ଅମୃତମୟ କରିନବାର କବିତ୍ୱଭାବ ହଠାତ୍ ତା' ଚିଦାକାଶରେ ପିଚକି ଉଠିଲା । ସେ ବିଚିତ୍ରା ଓ ଭାବମୟୀ ପ୍ରକୃତିଠାରୁ ବିଦାୟ ଘେନିବାକୁ ମନ କଲା ମରିବା ପୂର୍ବରୁ ଥରେ । ବଡ଼ ବଡ଼ କରି କ' ଣ କହି ଆକାଶ, ବତାସ, ନଦୀ, ତାରା- ଏମାନଙ୍କୁ ବିଦାୟବାଣୀ ଶୁଣାଇଲା ଗଦ୍ୟ କବିତାରେ । ସେ ବେଳରେ ପଦକୁ ପଦ ମିଳାଇ କବିତା ରଚନା କରିବାର ମାନସିକତା ବା ଫୁରୁସତ୍ ତା' ର ନଥିଲା ।

ବିଦାୟ ସମ୍ଭାଷଣ ସାରି, ଆଉ ବାକି କ' ଣ ରହିଗଲା ବୋଲି ଟିକିଏ ମନେ ମନେ ଦରାଣ୍ଡି ହେଲା । କିଛି ମନେ ପଡ଼ିଲାନାହିଁ । ସବୁ ଗୋଳମାଳିଆ ଧରିଗଲା ।

ମୃତ୍ୟୁ ଯାହା ଆଗରେ, ତା'ର ବ୍ରେନ୍ ଏହିପରି ହୋଇଯାଏ ପରା ! କଥାଟା ମନେ ପଡ଼ିବା ମାତ୍ରେ ତା'ର ଛାତି ଧଡ଼୍କିନା ଦୁଲୁକି ଉଠିଲା । ତତ୍କ୍ଷଣାତ୍ ସେ ଏ ଦୁର୍ବଳତାଟାକୁ ଝାଡ଼ିଝୁଡ଼ି ଦେଇ ଛିଡ଼ା ହୋଇଗଲା । ବୀର ପରି ମରିବ ସେ ।

ଚିଠିଟାର କଥା ମନେ ପଡ଼ିଗଲା । ଚିଠି ରହିଛି କମିଜ ପକେଟରେ । କମିଜ ଦେହରେ ରଖି ନଈକି ଡେଇଁଲେ ଚିଠିଟା ଆଉ କି ରହିବ ? ଲାସ୍ ଯେ ପାଇବ, ସେ ଚିଠି ପଢ଼ି ପାରିବ ନାହିଁ । ତା'ର ପରିଚୟ ବା ପାଇବ କାହୁଁ, ନା ସେ ଯେଉଁ ଆଦର୍ଶ ଘେନି ମରିବାକୁ ଯାଉଛି, ତାହା ଜଗତ ଜାଣିବ କିମିତି ?

କମିଜଟା ଦେହରୁ ବାହାର କରି ତଳେ ଥୋଇଲା । ଉଆନ - ଟୁ.......

"ହଠାତ୍ କିଏ ପଛରୁ ଡାକିଲା - କିଏସେ ?"

ଛଟ୍କିନା ଚିହିଙ୍କିପଡ଼ି ବୀରକିଶୋର ପଛକୁ ଚାହିଁଲା......

"ତମେ କିଏ ?"

ଆଗନ୍ତୁକ ପାଖରେ ପହଞ୍ଚିଯାଇଥିଲା ସେତେବେଳକୁ ।

ଆଗନ୍ତୁକ କହିଲା, "ତମେ ଏ ଅନ୍ଧାର ରାତିରେ ଏଠି କ'ଣ କରିବାକୁ ଆସିଛ ?"

"ତମେ ବା ଆସିଚ ଏ ସ୍ଥାନକୁ ଏତେବେଳେ କି ଉଦ୍ଦେଶ୍ୟରେ ?"

"ଆଗ ତୁମେ କହିସାର ।"

ବୀରକିଶୋର କହିଲା, "ଏ ବେଳରେ ମିଛ କଥା କହିବା ମହାପାପ । ମୁଁ ଆସିଛି ଆତ୍ମହତ୍ୟା କରିବା ପାଇଁ । ଆଉ ତମେ ?"

ଆଗନ୍ତୁକ କହିଲା, "ଲୁଚେଇବି କାହିଁକି, ମୁଁ ବି ଆସିଚି -"

ବୀରକିଶୋର ଆଗନ୍ତୁକକୁ କୁଣ୍ଢେଇ ପକେଇ କହିଲା, "ଭାଇ, ଏ ଶ୍ରେଷ୍ଠ ମୁହୂର୍ତ୍ତରେ ଆମର ଦୁହିଙ୍କ ଭେଟ ! ମରଣର ସାଥୀ ! ନୁହେଁ ?"

"ଅତି ଠିକ୍ । ତେବେ ଚାଲ ଟିକିଏ ବସି ଶେଷ ମୁହୂର୍ତ୍ତଟା ସ୍ମରଣୀୟ କରିନେବା । ଆଉ ତ ସମୟ ନାହିଁ ।"

ଦୁହେଁ ଭିଡ଼ାଭିଡ଼ି ହୋଇ ବସିଲେ ।

ବୀରକିଶୋର କହିଲା, "ତମେ ଭଲା ମରୁଛ କଉଁ ଦୁଃଖରେ ?"

"ତମେ କହିସାର, ମୁଁ କହିବି ।"

ବୀର-ଜୀବନଟାରେ ସୁଖ ନାହିଁ, ଭାଇ । ଚାକିରି ଖଣ୍ଡିଏ କରିଛି ଯେ, ପେଟକୁ ଅଣ୍ଟୁନାହିଁ ଏ କଣ୍ଟ୍ରୋଲିଆ ଯୁଗରେ । ସେ ଦି' ପଇସା ଯେ କରିବି, ତା' ର ବି ରାହା ନାହିଁ । ମୁନିବ ଭାରି ଚିପା ଓ ହୁସିଆର । ଯଉଁ ଗାର୍ଲଟିକୁ ମୁଁ ଭଲ ପାଏ, ତାକୁ ସାମାନ୍ୟ ଉପହାରଟାଏ ଦବାକୁ କି ସମ୍ବଳ ନାହିଁ । ଏଇ ଗୋଟାଏ ସେଣ୍ଟ ବା ସାବୁନ୍ । ଏଇ 'ଷବଙ୍ଗର -ଭକ୍ଷ୍ବ' ସର୍ବହରାଦ୍ୱର ବିନାଶ ସାଧନ ନିମନ୍ତେ ମୁଁ ଜୀବନ ଦାନ କରୁଛି । ଏବେ ତମ କଥା କୁହ ।

"ମୋର ବି ସେଇ ଗାର୍ଲ । ଯାହାକୁ ଭଲ ପାଏଁ ସେ ଜାତିରେ ଆମଠାରୁ କମ୍ । ବାପା ଜିଦ୍ ଧରି ବସିଛନ୍ତି, ସେଠି ବାହାଘର ହବନାହିଁ । ମୋର ଏତିକି ସ୍ୱାଧୀନତା ନାହିଁ ଯେ, ମୁଁ ଆପଣା ଇଚ୍ଛାରେ ବାହା ହେଇଯିବି । ଏଇ ପରାଧୀନତାର ବିରୁଦ୍ଧରେ ବିଦ୍ରୋହ କରି ମୁଁ ପ୍ରାଣ ଦଉଛି ।"

"ହେଲା passive resistance."

"ମୋର ବି ସତ୍ୟାଗ୍ରହ ।"

"ତେବେ କ' ଣ ଏକା ସାଙ୍ଗରେ ନଇରେ ପଡ଼ିବା ?"

"ତାହାହେଲେ, ଧରାପରା ହୋଇ ବୁଡ଼ିଯିବା ଯେ !"

"କ୍ଷତି କ' ଣ ?"

"ଉଦ୍ଦେଶ୍ୟ ଗୋଳେଇଯିବ ।"

"ମୁଁ ଚିଠି ଲେଖି ରଖିଚି ।"

"ମୁଁ ବି ଲେଖି ଆଣିଚି ।"

"ତେବେ ଉଠ ।"

"ହଁ, ଉଠିବା ।"

କିଛିକ୍ଷଣ ଗଲା । ଦୁହେଁ ନୀରବ ।

ବୀରକିଶୋର କହିଲା, "ତୁମ ନାଆଁଟା ପଚାରିବାକୁ ଭୁଲିଗଲି ।"

"ମୋ ନାଁ 'ଶଚୀ' ।"

"ମୋ ନାଁ 'ବୀର'   ।"

ପୁଣି କିଛି ସମୟ ବିତିଲା ।

"ଶଚୀ, ଏବେ ଉଠ ।"

ଶଚୀ ନୀରବ ।

"ତେବେ ମୁଁ ଯାଉଛି ଆଗେ ।"

"ନା, ଆଉ ଟିକିଏ ବସ; ଗୋଟାଏ କଥା ଅଛି ।"

"କଣ ?"

"ମୋର କାହିଁକି ମରିବାର ଇଚ୍ଛାଟା କମିଯାଇଛି, ବୀର ?"

"ଆରେ ମୁଁ ବି ତ ଠିକ୍ ସେଇ ରକମର ଗୋଟାଏ କ'   ଣ ଅନୁଭବ କରୁଚି ।"

"କାହିଁକି କହିପାରିବ ?"

"ବୋଧହୁଏ ସମଦୁଃଖୀ ପାଇ ଭିତରର ଉଷୁମଟା ଥଣ୍ଡା ପଡ଼ିଗଲା ।"

"ତେବେ ଚାଲ ଫେରିଯିବା ।"

"କିନ୍ତୁ ସେଟା ଭୀରୁତା, କାପୁରୁଷତା ହେବ ।"

"ଆଚ୍ଛା, ତେବେ ଏଟା post-pone (ମହଲତ) କରାଯାଉ ।"

"ମୁଁ ବି ସେଇଆ ଭାବୁଚି ।"

"ପୁଣି ତେବେ କେବକୁ ?"

"ବର୍ଷକ ପରେ ଠିକ୍ ଆଜି ଦିନ ।"

"ଆଜି କେଉଁ ଦିନ ?"

"ଚିତଉ ଅମାବାସ୍ୟା ଆଜି ।"

"ତେବେ ଏଇ କଥା ରହିଲା । ଆସନ୍ତା ବର୍ଷ ଚିତଉ ଅମାବାସ୍ୟା ଦିନ ଆମେ ଦୁଇଜଣ ଏଇଠି, ଏକାଠି......"

"ନିଶ୍ଚୟ by Jove."

"ମୋର ବି ନିଶ୍ଚୟ by honour."

"ତେବେ ବିଦାୟ ।"

"ବିଦାୟ ।"

ଦୁହେଁ ଦୁହିଁଙ୍କୁ ନମସ୍କାର କରି ଦୁଇ ଆଡ଼କୁ ଚାଲିଗଲେ ଓ ଅନ୍ଧାରରେ ଅଦୃଶ୍ୟ ହୋଇଗଲେ ।

* * * *

ବୀର ଭାବିଲା, ଆଉ ବରଷେ ମାତ୍ର । ଜୀବନଟାଯାକ ତ ଧର୍ମକର୍ମ କିଛି କରାହୋଇ ନାହିଁ । ଏଇ ଶେଷ ବର୍ଷକ ନ ହେଲେ କିଛି ଅରଜି ନିଆଯାଉ । ଏହା ଭାବି ସେ ମୁନିବର ତହବିଲ ବାକ୍ସ ଭାଙ୍ଗିଲା ଓ ଯାହା ପାଇଲା ତାକୁ ଧରି ଚାଲିଗଲା ସିଧା ସିଧା ପୁରୀଧାମ । ସେଠି ତୀର୍ଥବାସ, ସମୁଦ୍ରସ୍ନାନ ଓ ଜଗନ୍ନାଥ ଦର୍ଶନ କରି ବରଷକ ଭିତରେ ଯେପରି ପୂରା ଜୀବନର ପୁଣ୍ୟ ଉଠେଇନେବ ।

ଶଚୀ ବଡ଼ଲୋକର ପିଲା । ସେ ତା' ର ମା' ଙ୍କ ବାକ୍ସରୁ ଗହଣାଗୁଡ଼ିକ ବାନ୍ଧି ଟିକେଟ କାଟିଲା କଲିକତା । ସେ ଠିକ୍ କଲା କି, ଆଉ ତ ମୋଟେ ବାରଟା ମାସ ବାକି - ତିନିଶ ପଁଷଠି ଦିନ । ଏଇ ଦିନ କେତୁଟା ମଉଜ ଫୁର୍ତ୍ତିରେ କଟେଇଦେବ ସେ । ତା' ପରେ ତ ସବୁ ଶୂନ୍ !

* * * *

ଚାହୁଁ ଚାହୁଁ ବାରଟା ମାସ ପାଣି ପରି ବୋହି ଚାଲିଗଲା କୁଆଡ଼େ । ଏତେ ଅଳ୍ପକାଳ ଭିତରେ ବୀରର ଧର୍ମ ଅର୍ଜନ ପୂରା ହୋଇପାରିଲା ନାହିଁ କି ଶଚୀର ମଉଜ ମରା ବି ଶେଷ ହେଲାନାହିଁ ।

କିନ୍ତୁ ଆପଣା ଭିତରେ କଥାଟା ରହିଥିଲେ ବା ଗୋଟାଏ କଥା ହୁଅନ୍ତା । ଆଉ ଜଣକ ଆଗରେ ବଚନ ଦିଆହୋଇଛି ଯେ ! ପ୍ରାଣ ଦେଇ ମଧ ସେ ବଚନ ରକ୍ଷା କରିବାକୁ ହବ ତ! ତା ନୋହିଲେ ମଣିଷ କ' ଣ ! ମରଦପୁଅର ବଚନ ହଉଚି ବଡ଼ ।

ଚିତଉ ଅମାବାସ୍ୟା । ସେଇ ଅନ୍ଧାର, ସେଇ ସୁ ସୁ ପବନ, ସେଇ ହୁ ହୁ ନଈସୁଅ । ସେଇ ଆକାଶରେ ସେଇ ତାରା । ଦୁଇବନ୍ଧୁ ପୁଣି ସେଇଠି ଆସି ମୁହାଁମୁହିଁ ହୋଇ ଛିଡ଼ାହେଲେ ।

ବୀର - କିଏ ଶଚୀ ?

ଶଚୀ - ହଁ, କିଏ ବୀରଟିକି ?

ବୀର - ଆଉ ପୁଣି କିଏ ଭାବିଛ !

ଶଚୀ - ନା, ସେହି କଥା କହୁଥିଲି । ତମେ ଆସିଛ ତେବେ ।

ବୀର - ଆଉ ତମେ କ'ଣ ଆସିନାହିଁ କି ?

ଶଚୀ - ମୁଁ - ମୁଁ ବଚନ ରକ୍ଷା କରିବା ପାଇଁ ଆସିଛି ଭାଇ ।

ବୀର - ଆଉ ମୁଁ କ'ଣ ଆଉ କିଛି ପାଇଁ ଆସିଛି ମଣୁଛ ?

ଶଚୀ - ତା କହୁନାହିଁ ଯେ.....ତେବେ.... ।

ବୀର - ତେବେ କ'ଣ ? କହି ପକାଉନା ।

ଶଚୀ - ମୁଁ କ୍ଷମା ମାଗିବାକୁ ଆସିଛି ନାଚାର ହୋଇ ।

ବୀର - ମୁଁ କ'ଣ ଖାଲି କ୍ଷମା ଦବାକୁ ଆସିଛି, ଭାବୁଛ ? ମୋର ବି ନବା ଦରକାର ପଡ଼ିଛି ।

ଶଚୀ - ମୁଁ ଭାଇ, ଆତ୍ମହତ୍ୟା କରିପାରିବି ନାହିଁ । ଆତ୍ମହତ୍ୟାଟା ମହାପାପ ।

ବୀର - ମୋ ପକ୍ଷରେ କ'ଣ ମହାପୁଣ୍ୟ ବୋଲି ତମେ କହୁଚ ?

ଶଚୀ - ନାଇଁ ଯେ, ମୋର କ'ଣ ହେଲା କି - ପରିସ୍ଥିତିଟା ବଦଳି ଯାଇଛି ।

ବୀର - ମୋର ବାତାବରଣଟା ବି ଓଲଟିଯାଇଛି ।

ଶଚୀ - କ'ଣ କହିଲ, ତେବେ ।

ବୀର - ମୁଁ କଲି ଏ ବର୍ଷଟାଯାକ ତୀର୍ଥବାସ । ସେଠି ପୁଣି ଗୋଟାଏ ନୂଆ ପ୍ରେମରେ ଗଲି ପଡ଼ି । ବିଭା ହବାର କଥାବାର୍ତ୍ତା ସବୁ ଠିକ୍ଠାକ୍ । ଦିନ ବି ଧରା ସରିଚି । କେବଳ ମୁଁ ସେଠି ଜବାବ ଦେବାଟା ବାକି ରଖିଲି ଏଠିକା ବଚନଟା ରହିଛି ବୋଲି ।

ଶଚୀ - ମୁଁ ରହିଗଲି କଲିକତାରେ । ଥିଏଟର, ସିନେମା, ଘୋଡ଼ାଦୌଡ଼, ହୋଟେଲ ପ୍ରଭୃତିରେ କଟେଇଦେଲି ବାରଟା ମାସ । ଦିନେ ଖବର ପାଇଲି, ବାପା ମରିଗଲେ । ବାଧ ହୋଇ ଘରକୁ ଆସିବାକୁ ପଡ଼ିଲା । ଏହିକ୍ଷଣି ଆଉ ମୋର ସେଠି ବାହା ହବାରେ ବାଧା ଦେବାକୁ କେହି ନାହିଁ । ବୁଝିଲଟିକି ?

ବୀର - ତାହାହେଲେ ତମେ ଆତ୍ମହତ୍ୟା କରିବ ନାହିଁ?

ଶଚୀ - ଆଉ ତମେ ବା କାହିଁକି ଇମିତି କରିବ ?

ବୀର - ମତେ କରିବାକୁ ହିଁ ପଡ଼ିବ, ଯଦି ତମେ କର । ବଚନ ଦେଇଚି ।

ଶଚୀ - ମୁଁ ବି ବାଧ୍ୟ ହୋଇ କରିବି, ଯଦି ତମେ କରୁଛ । ମୋର ବି ତ ବଚନ ।

ବୀର - ମୋତେ ତମେ ମାଫ୍ କରିବାକୁ ରାଜି ତ ?

ଶଚୀ - ତମେ ଆଗେ କହିସାର, ମୋତେ କ୍ଷମା ଦବାକୁ ଆପତ୍ତି ଅଛି କି ତମର ?

ବୀର - ବିଲ୍‌କୁଲ୍ 'ନା' । ଆଉ ତମର ?

ଶଚୀ - ମୋର ବିବାକ୍ 'ହଁ' ।

--0--